## ସଂକ୍ଷେପରେ

### ସିଡିଏମ୍‌ଓଙ୍କୁ ଭେଟିଲେ ତାମଡା ଅଧ୍ୟକ୍ଷ



ଅନୁଗୋଳ ଅଫିସ, ୧୩।୧୨: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ତ୍ରିଲୋଚନ ପ୍ରଧାନଙ୍କୁ ମଙ୍ଗଳବାର ଭେଟିଛନ୍ତି ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା)ର ଅଧ୍ୟକ୍ଷ ଅବନୀକାନ୍ତ ସାହୁ। ଏହି ସାକ୍ଷାତ ଅବସରରେ ତାମଡା ଅଧ୍ୟକ୍ଷ ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ଥିବା ସରକାରୀ ହସ୍ପିଟାଲ ସମସ୍ୟା ସମ୍ପର୍କରେ ସିଡିଏମ୍‌ଓଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ସରକାରୀ ହସ୍ପିଟାଲରେ ଡାକ୍ତର ନ ଥିବା, ବିଳମ୍ବରେ କର୍ମଚାରୀ ଦରମା ପାଇବା ଆଦି ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ ସହ ଏହାକୁ ଅତି ଗୁରୁତ୍ୱ ଦେବାକୁ ତାମଡା ଅଧ୍ୟକ୍ଷ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ତାମଡା ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

### ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା, ୧୩।୧୨ (ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଡଙ୍ଗାଧର ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ନିରଞ୍ଜନ ପ୍ରଧାନଙ୍କ ଘରେ ଚଢ଼ାଉ ବେଳେ ୫୦ ଲିଟର ଦେଶୀ ମହୁଲି, ସୁଭଦ୍ରା ପ୍ରଧାନଙ୍କ ଘରୁ ୩୫ ଲିଟର, ଜାନକୀ ପ୍ରଧାନଙ୍କ ଘରୁ ୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ସେମାନଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ୩ ଜଣ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲା।

### ନଗ୍ନ ଫଟୋ ଭାଇରାଲ ଘଟଣାରେ ଜଣେ ଗିରଫ

ବଇଣ୍ଡା, ୧୩।୧୨ (ଡି.ଏନ.ଏ.): କିଶୋରନଗର ବ୍ଲକ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ନଗ୍ନ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ସୋମବାର କିଶୋରନଗର ପୋଲିସ ରେଢ଼ାଖୋଲ ଥାନା ବଡ଼କୁଡା ଗ୍ରାମର ସୁବାସ ବେହେରାଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୨୧୭/୨୨ ମାମଲାରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ସୁବାସଙ୍କ ଜଣେ ସାଙ୍ଗ ସମ୍ପୃକ୍ତା ଛାତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଏହି ସମୟରେ ସୁବାସ ଛାତ୍ରୀଙ୍କ ନଗ୍ନ ଫଟୋ ଉଠାଇ ନେଇଥିଲେ। ପରେ ଛାତ୍ରୀଙ୍କୁ ଭୟଭୀତ କରିବା ସହ ଫଟୋ ଭାଇରାଲ କରିଥିବା ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୁବାସଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ଦୁଇ କୋଇଲା ବୋଝେଇ ଟ୍ରକ୍ ଧକ୍କା

ପରଜଙ୍ଗ, ୧୩।୧୨ (ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୫୩ନଂ. ଜାତୀୟ ରାଜପଥର ବଡ଼ଝରା ଛକ ନିକଟରେ ଶନିବାର ଦୁଇ କୋଇଲା ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ତାଳଚେରରୁ କୋଇଲା ନେଇ ଏକ ଟ୍ରକ୍ (ନଂ. ଓଡ଼ି ୧୯ ଏଫ୍ ୦୯୮୫) ଯାଜପୁର ଯାଉଥିବା ବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ (ନଂ. ଓଡ଼ି ୩୪ ଏନ୍ ୭୧୨୨) ସହ ଧକ୍କା ହୋଇଥିଲା। ଅଗ୍ନିଶମ କର୍ମଚାରୀ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଯୋଗେ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

### ସ୍ମରଣିକା ପାଇଁ ଲେଖା ଆହ୍ୱାନ

ଅନୁଗୋଳ ଅଫିସ, ୧୩।୧୨: ଆସନ୍ତା ଜାନୁୟାରୀ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ବିଗତବର୍ଷ ଭଳି ମହୋତ୍ସବ ସ୍ମରଣିକା ପ୍ରକାଶ କରାଯିବ। ଏହି ସ୍ମରଣିକା ନିମନ୍ତେ ଅନୁଗୋଳ ଜିଲାର ଭାଷା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ, ନୃତ୍ୟ, ସଙ୍ଗୀତ, ନାଟକ, ପର୍ଯ୍ୟଟନ, କୃଷି, ବାଣିଜ୍ୟ, ଲୋକ ସଂସ୍କୃତି, ସ୍ଥାନୀୟ ଦେବଦେବୀ ଓ ଅନୁଗୋଳର ବରପୁତ୍ରଙ୍କ ସମ୍ପର୍କିତ ବିଷୟ ଉପରେ ଲେଖା ଆହ୍ୱାନ କରାଯାଇଛି। ଲେଖକମାନେ ଆସନ୍ତା ୨୨ ତାରିଖ ସୁଦ୍ଧା ସେମାନଙ୍କ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି। ପ୍ରବନ୍ଧ ବ୍ୟତୀତ କ୍ଷୁଦ୍ରଗଳ୍ପ, କବିତା, ଏକାଙ୍କିକା, ଫିଚର୍ ଆଦି ଲେଖା ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି।

# ଜମିରହୁଛି ଆବର୍ଜନା ଜଳ

- ରାଜପଥ ପାର୍ଶ୍ୱରେ ଡ୍ରେନ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ଯାତାୟାତରେ ହଇରାଣ ହେଉଛନ୍ତି ଲୋକେ
- ଅସୁବିଧା ଭୋଗୁଛନ୍ତି ବ୍ୟବସାୟୀ, ଗ୍ରାହକ



ବଅଁରପାଳ, ୧୩।୧୨ (ଡି.ଏନ.ଏ.)

ଶେଷହେଉନି ରାଜପଥ ସମ୍ପ୍ରସାରଣ କି ଡ୍ରେନ୍ ନିର୍ମାଣ। କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବାରୁ ଏହାକୁ ନେଇ ଅନୁଗୋଳ ଜିଲାରେ ବଢ଼ୁଛି ଜନ ଅସନ୍ତୋଷ। ବିଶେଷକରି ବଅଁରପାଳ ବ୍ଲକର ନାଲ୍‌କୋ ଏଫସିଆଇ ଛକଠାରୁ ସିପିପି ବଜାର ପର୍ଯ୍ୟନ୍ତ ୨ କିଲୋମିଟର ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ୨ ବର୍ଷ ହେଲା ଏହା ନିର୍ମାଣ ହେଉଥିଲେ ମଧ୍ୟ ଏଯାଏ ଗୋଟିଏ ପାର୍ଶ୍ୱ ମଧ୍ୟ ଶେଷ ହୋଇନାହିଁ। ଫଳରେ ରାସ୍ତା ପାର୍ଶ୍ୱ ଆବର୍ଜନା ଜଳ ନିଷ୍କାସନ ହୋଇ ନ ପାରି ଜମିରହୁଛି। ଏଥିଯୋଗୁ ସିପିପି ବଜାରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବଜାରବାସୀଙ୍କ କହିବା ଅନୁଯାୟୀ, କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସିପିପି ବଜାର ଏକ ଅତ୍ୟନ୍ତ ବ୍ୟସ୍ତବହୁଳ ଅଞ୍ଚଳ। ନିକଟରେ ନାଲ୍‌କୋ ଥିବାରୁ ଏହି ବଜାରକୁ ଦୈନିକ ସହସ୍ରାଧିକ ଲୋକ ଆସୁଛନ୍ତି। ସେହିପରି ଜାତୀୟ ରାଜପଥରେ ସର୍ବଦା ଗାଡ଼ିର ଗହଳି ରହୁଛି। ତେଣୁ ଏହି ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ କାର୍ଯ୍ୟକୁ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି। କିନ୍ତୁ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏଥିପ୍ରତି ଅବହେଳା ପ୍ରଦର୍ଶନ କରୁଥିବାରୁ ଡ୍ରେନ୍ କାମ ଆଗେଇପାରୁ ନାହିଁ। ୨ବର୍ଷ ହେଲା ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଜୋର୍‌ଧରୁ ନ ଥିବାରୁ ବର୍ଷାଦିନେ ଏଠାରେ ଯାତାୟାତ ଅତ୍ୟନ୍ତ ମୁସ୍କିଲ ହୋଇଯାଉଛି। ରାଜପଥ ଉପରେ ଆଣ୍ଠୁଏ ଉଚ୍ଚର ବର୍ଷା ଓ ଡ୍ରେନ୍ ଜଳ ଜମି ରହୁଥିବାରୁ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଏବେ ବର୍ଷା ଜଳ ନ ଥିଲେ ମଧ୍ୟ ବଜାରର ଆବର୍ଜନା ପାଣି ନିଷ୍କାସନ ହେବାର ଉପାୟ ନାହିଁ। ତେଣୁ ଏହା ରାସ୍ତା ପାର୍ଶ୍ୱରେ ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଦୋକାନ ଆଗରେ ଆବର୍ଜନା ପାଣି ରହୁଥିବାରୁ ବ୍ୟବସାୟୀ ଓ ଗ୍ରାହକମାନେ ଚଳପ୍ରଚଳ କରିପାରୁ ନାହାନ୍ତି। ଏହାଦ୍ୱାରା ବ୍ୟବସାୟ ବାଧାପ୍ରାପ୍ତ ହେଉଥିବା ଦୋକାନୀମାନେ ମତ ଦେଇଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଠାରେ କିପରି ଡ୍ରେନ୍ ନିର୍ମାଣ ଶେଷ ହେବ ସେ ଦିଗରେ ଦୃଷ୍ଟି ଦେବା ସହ ଠିକା ସଂସ୍ଥାକୁ ତାଗିଦ କରିବାକୁ ଦାବି ହୋଇଛି।

#### ଶୀଘ୍ର କାମ ପାଇଁ ପ୍ରତିଶ୍ରୁତି ମିଳିଛି



“ନାଲ୍‌କୋ ଏଫସିଆଇ ଛକଠାରୁ ସିପିପି ବଜାର ପର୍ଯ୍ୟନ୍ତ ଡ୍ରେନ୍ ବ୍ୟବସ୍ଥା ଶୋଚନୀୟ ହୋଇପଡିଛି। ନିର୍ମାଣ କାର୍ଯ୍ୟ କିପରି ଜୋର୍‌ଦାର କରାଯିବ ସେ ଦିଗରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର କାମ ହେବ ବୋଲି ପ୍ରତିଶ୍ରୁତି ମିଳିଛି।

-ମଧୁସୂଦନ ଦାସ, ସଭାପତି, ସିପିପି ବଜାର କମିଟି

#### ପୋତି ହୋଇଗଲାଣି ଡ୍ରେନ୍



“ରାଜପଥ ପାର୍ଶ୍ୱରେ ଥିବା ୨ କିଲୋମିଟର ଡ୍ରେନ୍ କାର୍ଯ୍ୟ କରାଯାଉ ନ ଥିବାରୁ ତାହା ପୋତିହୋଇଗଲାଣି। କେତେଜଣ ଦୋକାନୀ ମଧ ଡ୍ରେନକୁ ଜବରଦଖଲ କରିନେଲେଣି। ଫଳରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ପାର୍ଶ୍ୱରେ ଜମି ରହୁଛି।

-ଶ୍ରୀଧର ସାହୁ, ବଜାରବାସୀ

#### ରାସ୍ତା ଉପରେ ଜମୁଛି ପାଣି



“ରାଜପଥ ଉଭୟ ପାର୍ଶ୍ୱରେ ଥିବା ଡ୍ରେନରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ବର୍ଷା ହେଲେ କିମ୍ବା ଦୋକାନରୁ ଆବର୍ଜନା ପାଣି ଛଡ଼ାଗଲେ ତାହା ରାସ୍ତା ଉପରେ ଜମି ରହୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବା ଦରକାର।

-ବସନ୍ତ ସାହୁ, ବ୍ୟବସାୟୀ

## ୧୭ରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଖବରଦାତାମାନେ।

ଅନୁଗୋଳ ଅଫିସ, ୧୩।୧୨

୨୦୨୩ ଏପ୍ରିଲ ୧ରେ ଅନୁଗୋଳ ଜିଲା ୩୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ ଏହାକୁ ସ୍ମରଣୀୟ କରିବାକୁ ଜିଲା ପ୍ରଶାସନ ବହୁ ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅବସରରେ ଆସନ୍ତା ୧୭ ତାରିଖରେ ଜିଲା ପ୍ରଶାସନ ଓ ଅନୁଗୋଳର ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଜିଲା କାର୍ଯ୍ୟାଳୟ କୋର୍ଟରୁମଠାରେ ଅନୁଗୋଳ ଉପଜିଲାପାଳ ବୈତୁରା ଦୀପଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରରେ କାର୍ଯ୍ୟରତ ସମସ୍ତ ଖବରଦାତା ଏଥିରେ ଯୋଗ ଦେଇଥିଲେ। ସେହିପରି ଆସନ୍ତା ୧୮ ତାରିଖ ରବିବାର ଅନୁଗୋଳ ସବ୍‌ଡିଭିଜନ ସ୍ତରରେ ହେବାକୁ ଥିବା ରାହଗିରି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ରାହଗିରିରେ ସ୍ଥାନୀୟ କଳାକାରମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କେବଳ ସାଂସ୍କୃତିକ ନୁହେଁ, ସାମାଜିକ, ସାହିତ୍ୟ ଓ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଅନୁଗୋଳ ସହରରେ ଜଗନ୍ନାଥ ମନ୍ଦିର ସମ୍ମୁଖ ରାସ୍ତାରୁ ବିଇଡି କଲେଜ ଛକ ପର୍ଯ୍ୟନ୍ତ ରାହଗିରି ହେବ। ଗୋଟିଏ ମଞ୍ଚ ଜଗନ୍ନାଥ ମନ୍ଦିର ସମ୍ମୁଖ ଓ ଅନ୍ୟଟି ବିଇଡି କଲେଜ ଛକରେ ହେବ। ଉଭୟ ମଞ୍ଚରେ ନାଚଗୀତରେ ଝୁମିବେ ସହରବାସୀ। ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସହରବାସୀ ନାଚଗୀତରେ ମତୁଆଲା ହେବେ ବୋଲି ଉପଜିଲାପାଳ ବଇତୁରା ଦୀପ ସୂଚନା ଦେଇଛନ୍ତି।

## ଭଲିବଲ ଟୁର୍ନାମେଣ୍ଟ: ପରାବିଲ ଚାମ୍ପିୟନ





ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

କଣିହାଁ, ୧୩।୧୨ (ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ମିନିଷ୍ଟାଡିୟମ ଠାରେ ନେହେରୁ ଯୁବକେନ୍ଦ୍ର (ଅନୁଗୋଳ) ଆନୁକୂଲ୍ୟରେ ସୋମବାର ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଦଳ ଭାଗ ନେଇଥିବା ବେଳେ ପରାବିଲ ଓ ସିଲିଂ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ପରାବିଲ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରାବିଲ ସରପଞ୍ଚ କବିତା ରାଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିରୁ ସରପଞ୍ଚ ଧରଣୀଧର ବେହେରା, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ନେହେରୁ ଯୁବକେନ୍ଦ୍ର ଅନୁଗୋଳ ସଂଯୋଜକ ପ୍ରଦୀପ କୁମାର ଗ୍ରାଣ୍ଡୱାଲ, ପରାବିଲ ଗ୍ରାମ ସଭାପତି ପାଣ୍ଡବ ବିଶ୍ୱାଳ, ପବିତ୍ରନଗର କ୍ଲବ ସଭାପତି ଅରୁଣ କୁମାର ପ୍ରଧାନ, ସମ୍ପାଦକ ଜ୍ଞାନ ରଞ୍ଜନ ଜ୍ୟୋତିଷ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ନାମେଣ୍ଟକୁ କ୍ଲବ ସଦସ୍ୟ ପ୍ରବୀଣ କୁମାର ସାହୁ, ପ୍ରତାପ କୁମାର ସାହୁ, ରାଜେଶ ପ୍ରଧାନ, ପ୍ରଶ୍ନ କୁମାର ସାହୁ, ସିପୁନ କୁମାର ସାହୁ ପ୍ରମୁଖ ସଫଳ କରାଇଥିଲେ।

## ଗାଁ ପରିକ୍ରମା କଲା କଳସ ଶୋଭାଯାତ୍ରା

ତାଳଚେର, ୧୩।୧୨ (ନି.ପ୍ର.)

ତାଳଚେର ବ୍ଲକ ବ୍ରଜନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ରେବାଲେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଏବଂ ମା’ ଦୁର୍ଗାଙ୍କ ନୂତନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିରାଟ କଳସ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଧାନଙ୍କ ସମେତ ତାମଡା ଅଧ୍ୟକ୍ଷ ଅବନୀକାନ୍ତ ସାହୁ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ଜିଲା ପରିଷଦ ସଦସ୍ୟ ବବୁ ପ୍ରସାଦ ପତି, ସରପଞ୍ଚ ସୁମିତ୍ରା ସାହୁ, ସମିତିସଭ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।



ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଗାଁ ପରିକ୍ରମା କରୁଛି କଳସ ଶୋଭାଯାତ୍ରା।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର, ସୁବିଧାକେନ୍ଦ୍ରର ଭିତ୍ତିପ୍ରସ୍ତର



ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଅତିଥି ଓ ଅନ୍ୟମାନେ।

ତାଳଚେର, ୧୩।୧୨ (ନି.ପ୍ର.)

ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ସୁବିଧାକେନ୍ଦ୍ର, ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଶ୍ମଶାନ ଘାଟର ଭୂମି ପୂଜନ ମଧ କରାଯାଇଛି। ଏସବୁ କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଜିଲା ପରିଷଦ ସଦସ୍ୟା ସତ୍ୟଭାମା ସାହୁ, ହେଁସମୂଳ, ଜଗନ୍ନାଥପୁର, ଗୁରୁଜାଙ୍ଗୁଲି ଓ ବନ୍ତୋଲ ସରପଞ୍ଚ, ସମିତି ସଭ୍ୟା, ସମସ୍ତ ୱାର୍ଡମେମ୍ବର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ସୁରକ୍ଷା ମଞ୍ଚ ସଭାପତି ମୁରଲୀ ଧର ସାହୁ, ଅବନୀକାନ୍ତ ଦେହୁରୀ, ବିଜେଡି ନେତା ଶୁଭେନ୍ଦୁ ରଥ, ରୁଚିର ବେହେରା, ଦୋଳଗୋବିନ୍ଦ ସାହୁ, ସୁଧୀର ବଳ, ବିଭୂତି ଭୂଷଣ ପରିଡ଼ା, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୬୦ ହଜାର ନେଇଗଲେ ଡକାୟତ

ଅନୁଗୋଳ ଅଫିସ, ୧୩।୧୨

ଅନୁଗୋଳ ସଦର ଥାନା କୁଇଓ ତାରିଣୀ ମନ୍ଦିର ନିକଟସ୍ଥ ମା ସନ୍ତୋଷୀ ଭଣ୍ଡାରରୁ ସୋମବାର ଡକାୟତି ହୋଇଛି। ୬ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଓ ମାରଣାସ୍ତ୍ରରେ ଆକ୍ରମଣ କରି ୬୦ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ରାତି ୮ଟାରେ ଦୋକାନ ମାଲିକ ଅମର ସାହୁ ଓ ତାଙ୍କ ବାପା ଦୋକାନରେ ବସିଥିଲେ। ଏହି ସମୟରେ ୨ଟି ମୋଟରସାଇକେଲରେ ୬ ଜଣ ସଶସ୍ତ୍ର ଦୁର୍ବୃତ୍ତ ଆସି ଦୋକାନ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ ହାତରେ ଦୁଇଟି ବନ୍ଧୁକ ଓ ୪ଟି ଖଣ୍ଡା ଧରିଥିଲେ। ଦୁର୍ବୃତ୍ତମାନେ ଅମରଙ୍କ ବାପାଙ୍କୁ ଖଣ୍ଡାରେ ଆକ୍ରମଣ କରି ଦୋକାନରୁ ୬୦ ହଜାର ଟଙ୍କା ଓ କମ୍ପ୍ୟୁଟର ନେଇ ପଳାଇ ଯାଇଥିଲେ। ୪ ବର୍ଷ ପୂର୍ବରୁ ମଧ ଉକ୍ତ ଦୋକାନରୁ ଡକାୟତି ହୋଇଥିଲା। ଏ ନେଇ ଅମରଙ୍କ ବାପା ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି।

## ସୁନାଚେନ ଫେରିପାଇଲେ ରେଳଯାତ୍ରୀ

**ଫାଣ୍ଡି ଅଧିକାରୀଙ୍କୁ ସାଧାରଣରେ ପ୍ରଶଂସା**

ବଇଣ୍ଡା, ୧୩।୧୨ (ଡି.ଏନ.ଏ.)



ରେଳ ଯାତ୍ରୀଙ୍କୁ ଫାଣ୍ଡି ଅଧିକାରୀ ସୁନା ଚେନ ଥିବା ବ୍ୟାଗ୍ ପ୍ରଦାନ କରୁଛନ୍ତି।

ଟ୍ରେନ୍‌ରେ ଯାତ୍ରା ବେଳେ ଭୁଲରେ ଛାଡ଼ିଦେଇ ପଳାଇଯାଇଥିବା ସୁନାଚେନ ଓ ବ୍ୟାଗ୍ ଫେରିପାଇଛନ୍ତି କୋଲକାତାର ନିତ୍ୟାନନ୍ଦ ମହୋତ। ମଙ୍ଗଳବାର ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଫାଣ୍ଡି ପୋଲିସ ମହୋତଙ୍କୁ ଉକ୍ତ ବ୍ୟାଗ୍ ଓ ସୁନାଚେନ ହସ୍ତାନ୍ତର କରିବା ପରେ ଫାଣ୍ଡି ପୋଲିସକୁ ସାଧାରଣରେ ପ୍ରଶଂସା କରାଯାଇଛି।

ପ୍ରକାଶ ଯେ, ଗତ ରବିବାର ରାତିରେ ମହୋତ ଇଣ୍ଟରସିଟି ଏକ୍ସପ୍ରେସରେ ପୁରୀରୁ ଭୁବନେଶ୍ୱର ଆସିଥିଲେ। କିନ୍ତୁ ଟ୍ରେନ୍‌ରୁ ଓହ୍ଲାଇବା ବେଳେ ସେ ସୁନାଚେନ ଥିବା ବ୍ୟାଗ୍ ନେବାକୁ ଭୁଲିଯାଇଥିଲେ। ଏ ନେଇ ସେ ରେଳବାଇକୁ ଅବଗତ କରିଥିଲେ। ସେତେବେଳକୁ ଟ୍ରେନ୍‌ଟି ବଇଣ୍ଡା ଷ୍ଟେଶନ ନିକଟରେ ଥିବାରୁ ଖବରପାଇବା ମାତ୍ରେ ତୁରନ୍ତ ଫାଣ୍ଡି ପୋଲିସ ପକ୍ଷରୁ ଟ୍ରେନରେ ଯାଞ୍ଚ କରାଯାଇ ଉକ୍ତ ବ୍ୟାଗ୍ ଉଦ୍ଧାର କରାଯାଇଥିଲା। ଏହାପରେ ଅଭିଯୋଗକାରୀ ମହୋତଙ୍କ ସହ ରେଳ ପୋଲିସ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ମଙ୍ଗଳବାର ମହୋତ ବଇଣ୍ଡା ରେଳୱେ ଫାଣ୍ଡି ପରିସରରେ ପହଞ୍ଚିବା ପରେ ଫାଣ୍ଡି ଅଧିକାରୀ ପି.କେ. ଜୟପୁରିଆ, କନଷ୍ଟେବଲ ଟଙ୍କଧର ଭୋଇ ପ୍ରମୁଖ ତାଙ୍କୁ ସୁନାଚେନ ଓ ବ୍ୟାଗ୍ ଫେରାଇଥିଲେ। ବଇଣ୍ଡା ଫାଣ୍ଡି ପୋଲିସର ଏପରି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଭଲ ପାଠ ପଢ଼ିବାକୁ ପରାମର୍ଶ

ବଇଣ୍ଡା, ୧୩।୧୨ (ଡି.ଏନ.ଏ.)

କଲେଜ କ୍ୟାରିଅର ଭବିଷ୍ୟତର ବାଟ ଦେଖାଏ। ତେଣୁ ଭଲ ପଢ଼ିଲେ ସୁନ୍ଦର ଭବିଷ୍ୟତ ଗଠନ କରି ସାରା ଜୀବନ ଖୁସିରେ ରହିପାରିବ। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଡିଗ୍ରୀ ମହାବିଦ୍ୟାଳୟର ସୋମବାର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଅଧ୍ୟାପକ ତରୁଣ କୁମାର ପ୍ରଧାନ, ସରୋଜ କୁମାର ଦାସ, ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭବିଷ୍ୟତ ଗଠନ ନେଇ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଡ. କଲ୍ୟାଣ ରୂପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।





ମଞ୍ଚାସୀନ ଅତିଥିମାନଙ୍କ ସହ ଛାତ୍ରୀଛାତ୍ରମାନେ।

## ଆଜିଠାରୁ ଅନୁଗୋଳରେ ଟେବୁଲ ଟେନିସ୍ ଚାମ୍ପିୟନଶିପ

**ଭାଗନେବେ ୨୦ ଜିଲାର ଓ ୧୦ ଅନୁଷ୍ଠାନର ୨୫୦ ଖେଳାଳି**

ଅନୁଗୋଳ ଅଫିସ, ୧୩।୧୨





ଅନୁଗୋଳ ଟେବୁଲ ଟେନିସ୍ ଏକାଡେମୀ ତଥା ଅନୁଗୋଳ ଷ୍ଟାଡିୟମସ୍ଥିତ ଇନଡୋର ହଲ୍‌ରେ ୨୮ତମ ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ ବୁଧବାରଠାରୁ ଆରମ୍ଭ ହେବ। ଏହି ଚାମ୍ପିୟନଶିପରେ ୧୪ଟି ବର୍ଗରେ ପ୍ରତିଯୋଗିତା ଆୟୋଜନ କରାଯିବ। ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ସିନିୟର ମହିଳା ଓ ପୁରୁଷ, ୟୁଥ୍ ବାଳିକା ଓ ବାଳକ (୧୯ ବର୍ଷରୁ କମ୍), ଜୁନିୟର ବାଳିକା ଓ ବାଳକ (୧୭ ବର୍ଷରୁ କମ୍), ସବ୍‌ଜୁନିୟର ବାଳିକା ଓ ବାଳକ (୧୫ ବର୍ଷରୁ କମ୍), କ୍ୟାଡେଟ୍ ବାଳିକା ଓ ବାଳକ (୧୩ ବର୍ଷରୁ କମ୍) ଏବଂ ହୋପ୍ ବାଳିକା ଓ ବାଳକ (୧୧ ବର୍ଷରୁ କମ୍) ବର୍ଗରେ ସିଙ୍ଗଲ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଅପରାହ୍ନ ୧ଟାରେ ଏହା ଉଦ୍‌ଘାଟିତ ହେବ। ରାଜ୍ୟରୁ ପାଖାପାଖି ୨୫୦ ପ୍ରତିଯୋଗୀ ଏଥିରେ ଭାଗନେବେ। ୨୦ରୁ ଅଧିକ ଜିଲା ଏବଂ ୧୦ରୁ ଅଧିକ ଅନୁଷ୍ଠାନରୁ ଖେଳାଳିମାନେ ଆସି ଅଂଶଗ୍ରହଣ କରିବେ। ଏହାର ଆୟୋଜନରେ ଅନୁଗୋଳ ଜିଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଓ ସହାୟତା କରୁବ ବୋଲି ଇନଡୋର ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ୍ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଟେବୁଲ ଟେନିସ୍ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସହ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଶାସନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରଡିପ ଗ୍ରାମର କର୍ଣ୍ଣ ନାୟକଙ୍କୁ ସେହି ଗ୍ରାମର ବିଜୟ ନାୟକ ଓ ଚରଣ ନାୟକ ଆକ୍ରମଣ କରିଥିବା ସୋମବାର କର୍ଣ୍ଣ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୨୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବିଜୟ ଓ କର୍ଣ୍ଣଙ୍କ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ରବିବାର ତାଙ୍କୁ ମାଡ଼ ମରାଯାଇଛି।



## ସଂକ୍ଷେପରେ

### ସ୍ତ୍ରୀ ମାନ୍ୟତା ଦାବିରେ ଧାରଣା

**ଅନୁଗୋଳ ଅଫିସ, ୧୩।୧୨:** ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ଜଣେ ମହିଳା ସ୍ତ୍ରୀ ମାନ୍ୟତା ଦାବିରେ ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣା ଦେଇଥିବା ଜଣାପଡ଼ିଛି। ସମ୍ପୃକ୍ତ ମହିଳା କହିଛନ୍ତି, ସେ ଜଣେ ଯୁବକଙ୍କୁ ଭଲ ପାଉଥିଲେ। କୋର୍ଟରେ ବିବାହ ମଧ କରିଥିଲେ। ବିବାହ ପରେ ଦୁହେଁ ଭଡ଼ାରେ ବାହାରେ ରହୁଥିଲେ। ହେଲେ ତାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଆସିଥିଲେ। ପରେ ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ଜାଣି ଶାଶୁଘର ଲୋକେ ତାଙ୍କୁ ବୋହୂର ମାନ୍ୟତା ଦେବାକୁ କହି ଘରକୁ ନେଇଥିଲେ। ହେଲେ ନିର୍ଯାତନା ଦେବା ସହ ମାଡ଼ ମାରି ଘରୁ ତଡ଼ି ଦେଇଥିଲେ। ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ନ୍ୟାୟ ମିଳୁନାହିଁ। ତେଣୁ ସ୍ତ୍ରୀ ମାନ୍ୟତା ଦାବିରେ ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣା ଦେଇଥିବା ମହିଳା ଜଣଙ୍କ ପ୍ରକାଶ କରିଛନ୍ତି।

### ନିଖୋଜ ନାବାଳକ ଉଦ୍ଧାର

**ଅନୁଗୋଳ ଅଫିସ, ୧୩।୧୨:** ଅନୁଗୋଳ ଜିଲା ଜରପଡ଼ା ଥାନା ଅଞ୍ଚଳରୁ ୨ ମାସ ହେବ ନିଖୋଜ ଥିବା ଜଣେ ନାବାଳକଙ୍କୁ ପଶ୍ଚିମବଙ୍ଗରୁ ଉଦ୍ଧାର କରାଯାଇଛି। ଜରପଡ଼ା ପୋଲିସ ଓ ଶିଶୁ ମଙ୍ଗଳ କମିଟି ଉଦ୍ୟମରେ ନାବାଳକଙ୍କୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ବାପା ମାଡ଼ ମାରିବାରୁ ସମ୍ପୃକ୍ତ ନାବାଳକ ଘର ଛାଡ଼ି ଚାଲିଯାଇଥିଲେ। ଟ୍ରେନ୍‌ରେ ବସି ସେ ପ୍ରଥମେ ପୁରୀ ଯାଇଥିଲେ। ସେଠାରୁ ବାଟବଣା ହୋଇ ପଶ୍ଚିମବଙ୍ଗ ପଳାଇଥିଲେ। ସେଠାକାର ଶିଶୁ ମଙ୍ଗଳ କମିଟି ତାଙ୍କୁ ଉଦ୍ଧାର କରିବା ପରେ ଅନୁଗୋଳ ଶିଶୁ ମଙ୍ଗଳ କମିଟି ସହ ଯୋଗାଯୋଗ କରିଥିଲା। ରବିବାର ଜରପଡ଼ା ପୋଲିସ ଓ ଶିଶୁ ମଙ୍ଗଳ କମିଟି ସଦସ୍ୟ ପଶ୍ଚିମବଙ୍ଗର ମେଦିନାପୁର ଗସ୍ତ କରି ନାବାଳକଙ୍କୁ ଆଣି ପରିବାର ଲୋକଙ୍କ ଜିମା ଦେଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୨ ଗିରଫ

**ଖମାର, ୧୩।୧୨ (ଡି.ଏନ.ଏ.):** ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଇଞ୍ଜିଡ଼ ହାଟରେ ବେଆଇନ ଭାବେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ପୋଲିସ କହିଛି, ଇଞ୍ଜିଡ଼ ସାପ୍ତାହିକ ହାଟରେ କେତେଜଣ ବେଆଇନ ଭାବେ ଜୁଆ ଆଡ୍ଡା ଚଳାଉଥିଲା ବେଳେ ପୋଲିସ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଚଢ଼ାଉ କରିଥିଲା। ଅନ୍ୟମାନେ ଖସିଯାଇଥିବା ବେଳେ ନାରାୟଣ ପେଣ୍ଠଇ (୫୬), ନିରଞ୍ଜନ ନାଏକ(୫୮)ଙ୍କୁ ଧରାଯାଇଥିଲା। ଏଥିସହ ୧୧ ହଜାର ୬୮୦ ଟଙ୍କା ମଧ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୫୪/୨୦୨୨ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ ସୂଚନା ଦେଇଛନ୍ତି।

### ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ

**ଢେଙ୍କାନାଳ ଅଫିସ,୧୩।୧୨:** ଢେଙ୍କାନାଳ ସହର କାଲଟାକ୍ସ ଅଞ୍ଚଳରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ମାନସ ରାଉତ ଛୁରିରେ ଆକ୍ରମଣ କରିବାରୁ ସ୍ତ୍ରୀ ରୁବି ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କ ବେକ, ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଆକ୍ରମଣରେ ବ୍ୟବହୃତ ଛୁରି ଜବତ କରିବା ସହ ଅଭିଯୁକ୍ତ ମାନସଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ସଦର ଥାନା ନଛିପୁର ଅଞ୍ଚଳର ମାନସ ଜଣେ ରାଜମିସ୍ତ୍ରି। କିଛିଦିନ ହେଲା ସେ ସ୍ତ୍ରୀ ରୁବିଙ୍କ ସହ କାଲଟାକ୍ସ ଅଞ୍ଚଳରେ ଭଡ଼ା ଘରେ ରହି ଆସୁଛନ୍ତି। ଦାମ୍ପତ୍ୟ କଳହରୁ ଏଭଳି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ବିଲମାଳରେ ବୁଲୁଛନ୍ତି ୬୦ ହାତୀ

**ରାସୋଲ, ୧୩।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଲିବୋରେଇ ସେକ୍ସନ ଅଧୀନ ସୁକିଆ ବାଉତୀ ପେଟ୍ରୋଲ ପମ୍ପ ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତା ନିକଟବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ହାତୀ ଆତଙ୍କ ଦେଖାଦେଇଛି। ଏକ ପଲରେ ୬୦ ହାତୀ ଆଖପାଖ ଜମିରେ ପଶି ଉପଦ୍ରବ ଆରମ୍ଭ କରିଛନ୍ତି। ହାତୀଙ୍କ ଗର୍ଜନରେ ଅଞ୍ଚଳ ଥରହର ହେଉଥିବାବେଳେ କାଟେଣି ସାହିବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀପଲ କୁନୁଆ, ନାଉକିଆରି, ଗଣ୍ଡାନାଳୀ, ବୁହାଳିପାଳ ଅଞ୍ଚଳରେ ତାଣ୍ଡବ ସୃଷ୍ଟି କରିଛନ୍ତି। ସେମାନେ କୁନୁଆ ଗ୍ରାମର କିଲୋକ୍ଷର ରାଉତଙ୍କ ୧୦୦ ବିଡ଼ା ଧାନ ଖାଇଦେଇଥିବା ଅଭିଯୋଗ ହୋଇଛି। ସେହିପରି ଅମଳ ପାଇଁ କଟାଯାଇଥିବା ବହୁ ଜମିର ଧାନ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସୂଚନା ପାଇ ଡିଏଫ୍‌ଓ ଡା. ପ୍ରକାଶ ଚାନ୍ଦ ଗୋଗିନେନି ୨ଟି ଗାଡ଼ିରେ ବନ କର୍ମଚାରୀଙ୍କୁ ପଠାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ହାତୀଙ୍କୁ ଘଉଡ଼ାଇବା କାର୍ଯ୍ୟ ଜାରି ରହିଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଭାଜପା ସମର୍ଥିତ ସରପଞ୍ଚ



ଭାଜପା ସମର୍ଥିତ ସରପଞ୍ଚମାନେ ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

**ଅନୁଗୋଳ ଅଫିସ, ୧୩।୧୨**

## ବ୍ଲକ ପ୍ରଶାସନ ସହଯୋଗ କରୁ ନ ଥିବା ଅଭିଯୋଗ

ଅନୁଗୋଳ ପଞ୍ଚାୟତ ସମିତି ବୈଠକ ଗତ ୮ମାସ ହେବ ହୋଇନାହିଁ। ଜନସାଧାରଣଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ତଦାରଖ ଓ ସୁପରିଚାଳନା ନିମନ୍ତେ କମିଟି ଗଠନ କରାଯାଇନାହିଁ। ଏପରି କି ଭାଜପା ସମର୍ଥିତ ସରପଞ୍ଚମାନଙ୍କୁ ବ୍ଲକ ପ୍ରଶାସନ ସହଯୋଗ କରୁ ନ ଥିବା ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଅନୁଗୋଳ ବ୍ଲକର ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା ଦୁର୍ଗା ଚରଣ ପ୍ରଧାନ, ପ୍ରଭାତ ପ୍ରଧାନଙ୍କ ସହ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଉକ୍ତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି, ପଞ୍ଚାୟତରେ ଚାଲୁଥିବା ଉନ୍ନୟନ କାର୍ଯ୍ୟ କେଉଁ ଅନୁଦାନରୁ ଆସିଛି ତାହା ସରପଞ୍ଚଙ୍କୁ ଅବଗତ କରାଯାଉନାହିଁ। ପଞ୍ଚାୟତରେ ହେଉଥିବା ଉନ୍ନୟନ କାର୍ଯ୍ୟର ଫଳକ ଲଗାଯାଉନାହିଁ। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଭାଜପା ସମର୍ଥିତ ସରପଞ୍ଚମାନେ ଅନୁରୋଧ କରିଛନ୍ତି।

# ଆଇପିଏଲ୍ ନିଲାମ ପାଇଁ ମୁସ୍ତାକ୍‌ଙ୍କୁ ଡକରା

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳର ଉଦୀୟମାନ ଯୁବ କ୍ରିକେଟର ମୁସ୍ତାକ୍ ବେଗ୍‌ଙ୍କୁ ଆଇପିଏଲ୍ ନିଲାମ ପାଇଁ ମଙ୍ଗଳବାର ଡକରା ଆସିଛି। ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରାୟାଲ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ଟ୍ରାଏଲ୍ ମ୍ୟାଚ୍ ଖେଳିସାରିଥିବା ଏହି ଡାହାଣହାତୀ ଲେଗ୍ ସ୍ପିନର ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ ହେବା ନେଇ ଆଶା ବାନ୍ଧିଛନ୍ତି। ସୁଯୋଗ ମିଳିଲେ ପଡ଼ିଆରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୟଦ ମୁସ୍ତାକ୍ ଅଲ୍ଲୀ, ବିଜୟ ହାଜାରେ ଟ୍ରଫି ଭଳି ସମ୍ମାନଜନକ ଟୁର୍ନାମେଣ୍ଟରେ ମୁସ୍ତାକ୍ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିପରି କଳାହାଣ୍ଡି କ୍ରିକେଟ୍ କପ୍ ମଧ ଖେଳି ସାରିଛନ୍ତି। ସ୍ଥାନୀୟ 'କସ୍‌ମସ୍ କ୍ରିକେଟ କ୍ଲବ'ର ସଦସ୍ୟ ମୁସ୍ତାକ୍‌ଙ୍କୁ ଆଇପିଏଲ୍ ନିଲାମରେ ଭାଗନେବା ପାଇଁ ଡାକରା ଆସିବା ଜଣାପଡ଼ିବା ପରେ କ୍ଲବ ସଭାପତି ଦୀପ୍ତିମୟ ପଟ୍ଟନାୟକ, ସମ୍ପାଦକ ତନ୍ମୟ ମହାନ୍ତିଙ୍କ ସମେତ ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ମୁସ୍ତାକ୍ ହେଉଛନ୍ତି ଢେଙ୍କାନାଳ ମୀନାବଜାର ଅଞ୍ଚଳର ସ୍ୱର୍ଗତ କାଦିର ବେଗ୍‌ଙ୍କ ପୁଅ। ଡିସେମ୍ବର ୨୩ରେ କୋଚିରେ ଆଇପିଏଲ୍ ଖେଳାଳି ନିଲାମ କାର୍ଯ୍ୟକ୍ରମ ରହିଛି।




ମୁସ୍ତାକ୍ ବେଗ୍।

ଠିକା ସଂସ୍ଥାକୁ ଅନୁକମ୍ପା ଅଭିଯୋଗ ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ଅନୁଗୋଳ ଅଫିସ, ୧୩।୧୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଟିକେଟ୍, ଫର୍ମ, ବ୍ୟାନର ଆଦି ପ୍ରିଣ୍ଟିଂ କାର୍ଯ୍ୟ ପାଇଁ କରାଯାଇଥିବା ଟେଣ୍ଡର ଅବଧି କେବେଠାରୁ ସରିଲାଣି। ହେଲେ ନୂଆ ଟେଣ୍ଡର କରାଯିବା ପରିବର୍ତ୍ତେ ଏକ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇ ଏସବୁ କାର୍ଯ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏ ନେଇ ମଙ୍ଗଳବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏହି ଅନୁକମ୍ପା ଦେଖାଉଥିବା ମେଡିକାଲର ଅଧିକାରୀମାନେ ଛାନିଆ ହୋଇପଡ଼ିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରେ କରାଯାଇଥିବା ଉକ୍ତ ଟେଣ୍ଡର ଅବଧି ମାତ୍ର ବର୍ଷଟିଏ ପାଇଁ ଥିଲା। ୨୦୨୧ରେ ତାହା ଶେଷ ହୋଇଯିବା ପରେ କରୋନା ସମୟ ଚାଲିଥିବାରୁ ସ୍ୱାସ୍ଥ୍ୟ ପ୍ରଶାସନ ଜିଲା ପ୍ରଶାସନଠାରୁ ଅନୁମତି ନେଇ କିଛି ମାସ ସମୟସୀମା ବଢ଼ାଇଥିଲେ। ହେଲେ ଏହାପରେ ଆଉ ନୂଆ ଟେଣ୍ଡର କରାଯାଇ ନାହିଁ। ବରଂ ଉକ୍ତ ଠିକା ସଂସ୍ଥା ପ୍ରତି କର୍ତ୍ତୃପକ୍ଷ ଅନୁକମ୍ପା ଦେଖାଇ ବିନା ଟେଣ୍ଡରରେ ପ୍ରିଣ୍ଟିଂ କାର୍ଯ୍ୟ ଦେଉଥିବା ଅନ୍ୟ ଆବେଦନକାରୀମାନେ ଅଭିଯୋଗ କରୁଛନ୍ତି।

# ଧରାପଡ଼ିବା ଭୟରେ ନାବାଳକଙ୍କୁ ଛାଡ଼ିଦେଲେ

**ଅନୁଗୋଳ ଅଫିସ, ୧୩।୧୨**

## ଅର୍ଥ ମିଳିବା ଲୋଭରେ କରିଥିଲେ ଅପହରଣ

ମୋଟା ଅଙ୍କର ଟଙ୍କା ପାଇବା ଲୋଭରେ ଅନୁଗୋଳର ଜଣେ ନାବାଳକଙ୍କୁ ଅପହରଣ କରାଯାଇଥିଲା। ହେଲେ ପୋଲିସ କାନରେ କଥା ପଡ଼ିବା ପରେ ଅପହରଣକାରୀମାନେ ଧରାପଡ଼ିଯିବା ଭୟରେ ନାବାଳକଙ୍କୁ ଛାଡ଼ିଦେଇ ଚମ୍ପଟ ମାରିଛନ୍ତି। ମଙ୍ଗଳବାର ଏହି ଘଟଣା ଅନୁଗୋଳରେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ କହିଛି, ରାଣୀଗୁଡ଼ାରେ ରହୁଥିବା ବେଣୁଧର ସାହୁ ଜମି ବିକ୍ରି କରିଥିଲେ। ଉକ୍ତ ଟଙ୍କା ହାତେଇବା ଆଶାରେ ୬ଜଣ ଅପହରଣକାରୀ ବେଣୁଧରଙ୍କ ନାବାଳକ ପୁଅଙ୍କୁ ସୋମବାର ଘରୁ ଡାକି ଆଣି କାର୍‌ରେ ନେଇଯାଇଥିଲେ। ନତଡ଼ା ନିକଟରେ ନାବାଳକଙ୍କ ମୁଣ୍ଡରେ ଅପହରଣକାରୀମାନେ ବନ୍ଧୁକ ଲଗାଇ ଜମି ବିକ୍ରି ଟଙ୍କା ସମ୍ପର୍କରେ ପଚାରିଥିଲେ। ୧୦ ଲକ୍ଷ ଟଙ୍କାରେ ଜମି ବିକ୍ରି ହୋଇଥିବା ଜାଣିବା ପରେ ସେମାନେ ନାବାଳକଙ୍କ ଘରକୁ ଫୋନ୍ କରି ପୁଅ ବଦଳରେ ଟଙ୍କା ଦାବି କରିଥିଲେ। ଏପରି ଫୋନ ପାଇବା ପରେ ବେଣୁଧର ତୁରନ୍ତ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୬୬୧/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ପୋଲିସ ଖୋଜାଖୋଜି କରୁଥିବା ଖବର ପାଇବା ପରେ ଅପହରଣକାରୀମାନେ ଛାନିଆରେ ନାବାଳକଙ୍କୁ ସହର ଉପକଣ୍ଠ ଚଣ୍ଡିବଜାରରେ ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ଅପହରଣ ଅଭିଯୋଗରେ ଜଣେ ନାବାଳକଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଥିବାବେଳେ ଅନୁଗୋଳ ସଦର ଥାନା ବଡ଼ମହିତଳା ଗ୍ରାମର ରତନ ନାଏକ (୨୦)କୁ ଗିରଫ କରିଛି। ଅନ୍ୟ ୪ଜଣ ଫେରାର ଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଆକାଉଣ୍ଟରୁ ନେଇଗଲେ ୩୫ ହଜାର

**ଅନୁଗୋଳ ଅଫିସ, ୧୩।୧୨**

ଅନୁଗୋଳ ଜିଲା କୋଲିୟାରୀ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ କୋଲିୟାରୀ ଥାନାରେ ବରଗଡ଼ ଅଞ୍ଚଳର ରାମଚନ୍ଦ୍ର ଭୋଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୬୨/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ରାମଚନ୍ଦ୍ରଙ୍କ ନିକଟକୁ ଗତ ନଭେମ୍ବର ୧୩ରୁ ୧୫ ତାରିଖ ମଧ୍ୟରେ ଅଜଣା ନମ୍ବରରୁ କଲ୍ ଆସିଥିଲା। ଠକ ଜଣଙ୍କ ମୁମ୍ବାଇରୁ କ୍ରେଡିଟ୍ କାର୍ଡ ଅଫିସରୁ କହୁଥିବା ଓ ରାମଚନ୍ଦ୍ର ବ୍ୟବହାର କରୁଥିବା କ୍ରେଡିଟ୍ କାର୍ଡ ବନ୍ଦ ହୋଇଯିବ ବୋଲି କହିଥିଲେ। ଫଳରେ ଠକଙ୍କ କଥାରେ ଭାସିଯାଇ ରାମଚନ୍ଦ୍ର ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ତାଙ୍କ କାର୍ଡରୁ ପର୍ଯ୍ୟାୟକ୍ରମେ ୨୫୯୯, ୯୯୯୯ ଓ ୨୨୯୯୯ ଟଙ୍କା କଟିଯାଇଥିଲା। ଏ ନେଇ ସେ ଗ୍ରାହକ ସେବାକେନ୍ଦ୍ରକୁ ଯୋଗାଯୋଗ କରିବାରୁ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ରାମଚନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମା' ମଙ୍ଗଳା ଟିମ୍ କଟକ ଚାମ୍ପିୟନ



ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

**ରାସୋଲ, ୧୩।୧୨(ଡି.ଏନ.ଏ.)**

ରାସୋଲ ସନ୍‌ରାଇଜ କ୍ଲବ ପକ୍ଷରୁ ଗତ ୩ଦିନ ଧରି ରାସୋଲ ଖେଳପଡ଼ିଆଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମା' ମଙ୍ଗଳା ଟିମ୍ କଟକ ୩-୧ ଗୋଲରେ ଆଠମଲ୍ଲିକ ଫୁଟବଲ୍ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ ରନର୍ସ ଅଫ ଆଠମଲ୍ଲିକ ଫୁଟବଲ୍ ଟିମ୍‌କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଆଶୀର୍ବାଦ କାନୁନ୍‌ଗୋ, ସୁଜିତ୍ ରାଜହଂସ, ଜିତେନ୍ଦ୍ର ଥାନପତି, ଦିଲୀପ ରାଉତ, ଅବଦୁଲ୍ ରଫିତ୍ ଖାଁ ପରିଚାଳନା କରିଥିଲେ। ସଭାପତି ଭାସ୍କର ଚନ୍ଦ୍ର ନାଏକ, ସମ୍ପାଦକ ରୋହିତ୍ ସାହୁ, ବିନୟ ସାହୁ, ଅମୀୟ ମିଶ୍ର, ମହେନ୍ଦ୍ର ମିଶ୍ର ସହଯୋଗ କରିଥିଲେ। ଏଥିରେ ଶତାଧିକ ଦର୍ଶକ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ମେଳାରେ ୧୦୬ ପ୍ରକଳ୍ପ




ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ଅଫିସ, ୧୩।୧୨**

ଅନୁଗୋଳ ଜିଲାସ୍ତରୀୟ ବିଜ୍ଞାନମେଳା ଓ ପ୍ରକଳ୍ପ ପ୍ରଦର୍ଶନୀ କୁମଣ୍ଡସ୍ଥିତ ଜରାସିଂହା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଡ. ସୁଜିତ କୁମାର ରଥ ମୁଖ୍ୟବକ୍ତାଭାବେ ଯୋଗନେଇ କୁନି ବିଜ୍ଞାନୀଙ୍କ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଜେଏସ୍‌ପିର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶିକା ପୁଷ୍ପା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନମେଳା ଆୟୋଜନ କରାଯାଇଥିଲା।। ଏହି ମେଳାରେ ୧୦୬ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିବାବେଳେ ୫୬ଟି ବିଜ୍ଞାନ, ଗଣିତ ଓ ପରିବେଶ ମେଳାର ପ୍ରକଳ୍ପ ଆସିଥିଲା। ସେଥିମଧ୍ୟରୁ ୧୮ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ବିଜ୍ଞାନ ବିଭାଗର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିବାବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଉପସ୍ଥିତ ଥିଲେ।

# ଅବସର ବୟସ ୬୨କୁ ବୃଦ୍ଧି ଦାବି

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘ ସଭାପତି ସରୋଜ କୁମାର ମହାନ୍ତି, ସମ୍ମାନିତ ଅତିଥି ରାଜ୍ୟ ସଂଘ ସମ୍ପାଦକ ସୁବଳ କିଶୋର ମହାନ୍ତି, ସଦସ୍ୟ ସୁରେଶ ଚନ୍ଦ୍ର ପରିଡ଼ା, ପୁରୀ ଜିଲା ସଭାପତି ଜଗନ୍ନାଥ ପାଢ଼ୀ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସିଂ, ଖୋର୍ଦ୍ଧା ଜିଲା ସଭାପତି ଦେବରାଜ ବାରିକ, ସମ୍ପାଦକ ତ୍ରିନାଥ ସେଠୀ, ପୂର୍ବତନ ଜିଲା ସଂଘ ଉପଦେଷ୍ଟା ଭୋଳେଶ୍ୱର ନାୟକ, ପ୍ରମୋଦ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସପ୍ତମ ବେତନରେ ଅସଙ୍ଗତି ଦୂର କରିବା, ମାସିକ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା, ଗ୍ରେଡ୍ ପେ' ୨୦୦୦ ଟଙ୍କାକୁ ବୃଦ୍ଧି, ସେବାକର ଉଚ୍ଛେଦ ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ନିରଞ୍ଜନ ନାୟକ, ଉପସଭାପତି ବିକ୍ରମ ସାହୁ, ରେବତୀ ସେଠୀ, ସମ୍ପାଦକ ନୀଳମଣି ବାରିକ, ସହସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ମିନି ସାହୁ, ପରାମର୍ଶଦାତା ଭାବେ ପ୍ରମୋଦ କୁମାର ରାଉତ ନିର୍ବାଚିତ ହୋଇଛନ୍ତି। ଗିରୀଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ସଂଘ ସଦସ୍ୟମାନେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଆବଶ୍ୟକ
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୨୩୮୪୯୯୧୦୯

APPOINTMENT
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ୍ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
• 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
• 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

JOIN AS PARTNER
• Fixed + Variable Pay
• Incentives + Foreign Trips
• Rewards + Recognisations
• Insurance Cover + Guaranteed Benefits
Contact: 8249253959

See Career Appointment on every Wednesday & Saturday

SWARNA Mahindra
WALK IN INTERVIEW
SWARNA AUTOMOBILES PVT. LTD.
( Truck & Bus Division )
♦ General Manager (Sales)
♦ AGM (Sales) - 4nos.
♦ Sr.Marketing Officer- 4nos.
♦ Manager(Sales) - 12 nos.
♦ Business Development Officer - 20nos.
♦ Service Manager - 2nos.
♦ DTP Operator/Accountant Sales Executive/ Receptionist
DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

## ସଂକ୍ଷେପରେ

### ଜାତୀୟ ବିଜ୍ଞାନ କଂଗ୍ରେସକୁ ବିଦୁସ୍ମିତା ମନୋନୀତ



**ପରଜଙ୍ଗ, ୧୩।୧୨(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ବାରିହାପୁରସ୍ଥିତ ଆଦର୍ଶ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ବିଦୁସ୍ମିତା ବେହେରା ଗୁଜରାଟ ଅହମ୍ମଦାବାଦରେ ହେବାକୁ ଥିବା ଜାତୀୟ ବିଜ୍ଞାନ କଂଗ୍ରେସକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଦେବାଶିଷ ପଲେଇଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରସ୍ଥିତ ପ୍ରଭୁଜୀ ଇଂଲିଶ ମାଧମ ବିଦ୍ୟାଳୟରେ ଅନୁଷ୍ଠିତ ୩୦ତମ ରାଜ୍ୟସ୍ତରୀୟ ଛାତ୍ର ବିଜ୍ଞାନ କଂଗ୍ରେସରେ ସେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ, ମାତାପିତାଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଥିବା ବିଦୁସ୍ମିତା କହିଛନ୍ତି।

### ୩୫ କେଜି ବାସିଖାଦ୍ୟ ନଷ୍ଟ



**ଢେଙ୍କାନାଳ ଅଫିସ, ୧୩।୧୨:** ଢେଙ୍କାନାଳ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମହୁଲପାଳ, ରେଙ୍ଗୁଳା, କାମାକ୍ଷାନଗର, ବାରିହାପୁର ଅଞ୍ଚଳର ରାସ୍ତାପାର୍ଶ୍ୱ ଢାବା, ହୋଟେଲ, ଜଳଖିଆ ଦୋକାନରେ ଚଢ଼ାଉ କରାଯାଇଛି। ଖାଦ୍ୟ ବ୍ୟବସାୟୀଙ୍କ ଲାଇସେନ୍ସ, ପଞ୍ଜୀକରଣ ନବୀକରଣ, ଖାଦ୍ୟର ମାନ, ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଯାଞ୍ଚ କରାଯାଇଥିଲା। ୩୫ କେଜି ବାସିଖାଦ୍ୟ ନଷ୍ଟ କରାଯାଇଛି। ଖାଦ୍ୟ ନିରାପତ୍ତା ଆଇନ ଉଲ୍ଲଂଘନ କରିଥିବା ବ୍ୟବସାୟୀଙ୍କଠାରୁ ୪,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଶୋଇଥିବାବେଳେ ଅଗ୍ନିକାଣ୍ଡ: ବର୍ତ୍ତିଲା ପରିବାର



**ପରଜଙ୍ଗ, ୧୩।୧୨(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ବାବୁଲି ଭୂତିଆଙ୍କ ୨ ବଖରା ପୋଡ଼ିଯାଇଛି। ପ୍ରାୟ ୨ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବାବୁଲିଙ୍କ ଘରଲୋକେ ସଅଳ ଶୋଇଯାଇଥିଲେ। ରାତି ପ୍ରାୟ ୧୧ଟା ବେଳେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପାଖପଡ଼ୋଶୀ ହୋହଲ୍ଲା କରିବାରୁ ସମସ୍ତେ ପ୍ରାଣ ବିକଳରେ ବାହାରକୁ ବାହାରି ଆସିଥିଲେ। ନିଆଁରେ ସବୁକିଛି ଛାରଖାର ହୋଇଯାଇଥିବାବେଳେ ପରିବାର ଲୋକେ ସୁରକ୍ଷିତ ଅଛନ୍ତି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଲୋକପ୍ରିୟ ହେବ ହକି ବିଶ୍ୱକପ୍

**ଢେଙ୍କାନାଳ ଅଫିସ, ୧୩।୧୨**

- ଗ୍ରାମାଞ୍ଚଳରୁ ଜିଲାସ୍ତର ଯାଏ ହେବ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା
- କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାକୁ ଜାନୁୟାରୀ ୨୭ରୁ ମିନି ପଲ୍ଲିଶ୍ରୀ ମେଳା

ହକି ବିଶ୍ୱକପ୍‌କୁ ଲୋକପ୍ରିୟ କରାଇବା ଲାଗି ପ୍ରସ୍ତୁତି ଆରମ୍ଭ କରିଛି ଢେଙ୍କାନାଳ ଜିଲା ପ୍ରଶାସନ। କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଜାନୁୟାରୀ ୨୭ରୁ ୨୯ ଯାଏ ମିନି ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯିବ। ଏଥିସହ ଗ୍ରାମାଞ୍ଚଳରୁ ଜିଲାସ୍ତର ଯାଏ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏ ସଂକ୍ରାନ୍ତ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ବିଷୟରେ ସୂଚନା ଦେଇଥିଲେ।

ଓଡ଼ିଶାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ହକି ବିଶ୍ୱକପ୍ ଆୟୋଜିତ ହେଉଛି। ଜିଲାରେ ହକି ଓ ଅନ୍ୟାନ୍ୟ ଖେଳକୁଦକୁ ପ୍ରୋତ୍ସାହିତ କରିବା ଲାଗି ଏହା ସୁଯୋଗ ଆଣିଦେଇଛି। ପାଠପଢ଼ା ସହିତ ଝିଅପୁଅମାନେ ଯେପରି ଖେଳପ୍ରତି ବିଶେଷ ଆଗ୍ରହ ଦେଖାଇବେ, ସେଥିଲାଗି କ୍ରୀଡ଼ା ଶିକ୍ଷକମାନେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବିଶ୍ୱକପ୍ ହକି ଅବସରରେ ଜିଲାରେ ସୁନ୍ଦର କ୍ରୀଡ଼ା ପରିବେଶ ସୃଷ୍ଟି କରିବା ସହ ଢେଙ୍କାନାଳକୁ କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ କରିବା ଲାଗି ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଆୟୋଜିତ ହେବାକୁ ଥିବା କ୍ରୀଡ଼ା କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଶାରୀରିକ ଶିକ୍ଷା ନିରୀକ୍ଷକଙ୍କୁ ଅବଗତ କରାଇଥିଲେ। ମିନି ଷ୍ଟାଡିୟମ୍‌ରେ ୫୦ ଷ୍ଟଲ୍ ବିଶିଷ୍ଟ ମିନି ପଲ୍ଲିଶ୍ରୀ ମେଳାରେ କ୍ରୀଡ଼ା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଦରୱାନ, ଅତିରିକ୍ତ ଉନ୍ନୟନ ନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁଙ୍କ ସମେତ ଜିଲାର ସମସ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଆଜି ଗଜଲକ୍ଷ୍ମୀଙ୍କୁ ମେଲାଣି



ଭାପୁର ବଡ଼ଦାଣ୍ଡ ତଳସାହି ମେଢ଼।

**ଭାପୁର, ୧୩।୧୨(ଡି.ଏନ୍.ଏ.)**

ମାର୍ଗଶିର ମାଣବସା ଗୁରୁବାର ଉପଲକ୍ଷେ ଢେଙ୍କାନାଳ ସଦର ବ୍ଲକ ଭାପୁର ଗ୍ରାମରେ ଆୟୋଜିତ ହେଉଛି ଗଜଲକ୍ଷ୍ମୀ ପୂଜା। ଚଳିତ ବର୍ଷ ୧୪ ମଣ୍ଡପରେ ମା'ଙ୍କ ଆବାହନ କରାଯାଉଛି। ଆଲୋକମାଳ, ଡିଜେ ସାଉଣ୍ଡରେ ଗାଁ କମ୍ପୁଛି। ବଜାର ଛକରେ ଅପେରା ପରିବେଷଣ ହେଉଥିବା ବେଳେ ଗ୍ରାମ ପ୍ରବେଶ ପଥରେ ମୀନାବଜାର ପଡ଼ିଛି। ଉଠାଦୋକାନୀମାନେ ସୁସ୍ୱାଦୁ ଖାଦ୍ୟ ଓ ମନୋହରି ସାମଗ୍ରୀର ପସରା ମେଲାଇଛନ୍ତି। ସନ୍ଧ୍ୟା ୫ଟାରୁ ରାତି ୧୦ଟା ଯାଏ ଅସମ୍ଭାଳ ଭିଡ଼ ଜମୁଛି। ବୁଧବାର ମା'ଙ୍କୁ ମେଲାଣି ଦିଆଯିବ ବୋଲି ମିଳିତ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କରୋନା ପାଇଁ ଗତ ୨ବର୍ଷ ହେଲା ଉତ୍ସବ ବନ୍ଦ ଥିଲା। ତେଣୁ ଚଳିତବର୍ଷ ପ୍ରବଳ ଜନସମାଗମ ହେଉଛି।

# ୩୬ ହଜାର ଟଙ୍କା ଜରିମାନା ଆଦାୟ

**ପରଜଙ୍ଗ, ୧୩।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ଜଟିଆ ଗ୍ରାମସ୍ଥିତ ବେଆଇନ ଇଟାଭାଟି ଉପରେ ମଙ୍ଗଳବାର ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ଏକ ଇଟା ବୋଝେଇ ମିନିଟ୍ରକ୍ ଜବତ କରାଯାଇଥିବାବେଳେ ୩୬,୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ତହସିଲଦାର ଖଗେଶ୍ୱର ପାତ୍ରଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ପର୍ଯ୍ୟବେକ୍ଷଣ ଅଧିକାରୀ ଅକ୍ଷୟ କୁମାର ନାୟକ, କନ୍ଦରସିଂହା ଆର୍‌ଆଇ ଦୀନେଶ ସିଂ, ସାଆନ୍ଦା ଆର୍‌ଆଇ ବିଘ୍ନେଶ୍ୱର ସାହୁ, କୁଆଳୋ ଆର୍‌ଆଇ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜଟିଆ ଗ୍ରାମ ସମେତ ପରଜଙ୍ଗ ତହସିଲ ଅଧୀନ ବ୍ରାହ୍ମଣୀ ନଦୀ କୂଳବର୍ତ୍ତୀ ବିଭିନ୍ନ ସ୍ଥାନରେ ଶତାଧିକ ବେଆଇନ ଇଟାଭାଟି ଗଢ଼ି ଉଠିଛି। ସେଠାରେ ଇଟା ପୋଡ଼ାଯାଇ ଜିଲା ତଥା ଜିଲା ବାହାରକୁ ଚାଲାଣ କରାଯାଉଛି। ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନଙ୍କ ପତିଆରା ବଢ଼ିବାରେ ଲାଗିଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏଭଳି ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।



ଜବତ ଇଟାବୋଝେଇ ମିନିଟ୍ରକ୍।

# 'ସେବା ମୁଖ୍ୟ ଲକ୍ଷ୍ୟ ହେଉ'

**ସ୍କାଉଟ୍ସ ମାଷ୍ଟର୍ସ, ଗାଇଡ୍ସ କ୍ୟାପଟେନ୍‌ଙ୍କ ବାର୍ଷିକ ସମ୍ମିଳନୀ**

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ଜିଲା ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଜିଲାସ୍ତରୀୟ ସ୍କାଉଟ୍ସ ମାଷ୍ଟର୍ସ, ଗାଇଡ୍ସ କ୍ୟାପ୍‌ଟେନ୍‌ଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସଭାପତିତ୍ୱ କରି ସେବାକୁ ମୁଖ୍ୟ ଲକ୍ଷ୍ୟ କରିବାକୁ ସ୍କାଉଟ୍ସ ମାଷ୍ଟର୍ସ ଓ ଗାଇଡ୍ସ କ୍ୟାପ୍‌ଟେନ୍‌ଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଯୋଗଦେଇ ବିଦ୍ୟାଳୟର ଫାଟକ ସମ୍ମୁଖରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଲକ୍ଷ୍ୟ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ।

ବିଇଓ ବ୍ରହ୍ମାନନ୍ଦ ରାଉତ, ରାସୋଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନାଦି ଚରଣ ନାୟକ, ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ, ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସ୍କାଉଟ୍ସ କମିଶନର ଇତିଶ୍ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସ୍କାଉଟ୍ସ ସଙ୍ଗଠନ କମିଶନର ବିଜୟ କୁମାର ନନ୍ଦ, ତାଲିମ କମିଶନର ନରେଶ କୁମାର ମହାରଣା, ଗାଇଡ୍ସ ସଙ୍ଗଠନ କମିଶନର ସବିତା ସାହୁ, ତାଲିମ୍ କମିଶନର ସ୍ୱର୍ଣ୍ଣାଞ୍ଜଳି ମିଶ୍ର, ସ୍କାଉଟ୍ସ ମାଷ୍ଟର ସୁଶୀଲ୍ କୁମାର ପଣ୍ଡା, ସୁବ୍ରତ ମିଶ୍ର, ପ୍ରତାପ ସାମନ୍ତ, ଦୁଷ୍ମନ୍ତ ସେଠୀ, ରଞ୍ଜନ ଦେହୁରୀ, ହରପ୍ରିୟା ଦାସ, ମଞ୍ଜୁବାଳା ବେହେରା, ସରିତା ବିଶ୍ୱାଳ, ପ୍ରଶାନ୍ତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ସମ୍ମିଳନୀରେ ଜିଲା ଶିକ୍ଷାଧିକାରୀଙ୍କ ସମେତ ଅତିଥିବୃନ୍ଦ।

# ଜାନୁୟାରୀରୁ ଏସ୍‌ଏଚ୍‌ଜିକୁ ମଧ୍ୟାହ୍ନଭୋଜନ ଦାୟିତ୍ୱ

**ଢେଙ୍କାନାଳ ଅଫିସ, ୧୩।୧୨**

ଆସନ୍ତା ଜାନୁୟାରୀରୁ ଢେଙ୍କାନାଳ ଜିଲାର ସମସ୍ତ ବିଦ୍ୟାଳୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଦାୟିତ୍ୱ ସମ୍ଭାଳିବେ। ଜିଲାପାଳ ସରୋଜ କୁମାର ସେଠୀ ମଙ୍ଗଳବାର ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ନିୟୋଜିତ ହେଉଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସ୍ଥାନୀୟ ଏସ୍‌ଏଚ୍‌ଜିକୁ ଏଥିରେ ନିୟୋଜିତ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ସ୍ୱଚ୍ଛତା ରକ୍ଷା, ଖାଦ୍ୟର ଗୁଣବତ୍ତାକୁ ସର୍ବାଧିକ ଧ୍ୟାନ ଦେବା, ସ୍କୁଲ ପରିବେଶ ପରିଷ୍କାର ରଖିବା, ରକ୍ଷଣାବେକ୍ଷଣରେ ସହଯୋଗ କରିବା ଲାଗି ଜିଲା ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ଏସ୍‌ଏଚ୍‌ଜି ସଭାପତି ଓ ସମ୍ପାଦକଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।



ଏସ୍‌ଏଚ୍‌ଜି ସଭାପତି, ସମ୍ପାଦକଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

# ଶିକ୍ଷାରେ ଜିଲାକୁ ଅଗ୍ରଣୀ କରିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୩।୧୨**

**ଭୁବନେଶ୍ୱର ପାଠଶାଳା ଶାଖାର ଉଦ୍‌ଘାଟନୀ ଉତ୍ସବ**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ଆଇଏଏସ୍ ଫାଉଣ୍ଡେଶନ୍ ଭୁବନେଶ୍ୱର ପାଠଶାଳା ଢେଙ୍କାନାଳ ଶାଖାର ଉଦ୍‌ଘାଟନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟବକ୍ତା ଇ-ଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ପାଦିକା ସାଗରବାଳା ହୋତା, ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଭୁବନେଶ୍ୱର ପାଠଶାଳାର ପ୍ରତିଷ୍ଠାତା ଡ. ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଢେଙ୍କାନାଳ ଜିଲାକୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଶାଶ୍ୱତ କଳା ସଂସଦ ତରଫରୁ ଦିବ୍ୟାଶା ମହାନ୍ତି ଓ ସାଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

ମୁଖ୍ୟ ସଂଯୋଜକ ଜୟକୃଷ୍ଣ ଜେନା, ଜିଲା ସଂଯୋଜକ ଅଜିତାନନ୍ଦ ବିହାରୀ, ପ୍ରଶାସନିକ ପରିଚାଳକ ଶିକ୍ଷାବିତ୍ ଅଭିମନ୍ୟୁ ପଣ୍ଡା, କାର୍ଯ୍ୟାଳୟ ପରିଚାଳକ ମହେନ୍ଦ୍ର ବେହେରା, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ, ଶାଶ୍ୱତ କଳା ସଂସଦ ସମ୍ପାଦିକା ସିପ୍ରାରାଣୀ ମହାନ୍ତି, ଯୁବନେତ୍ରୀ ଝରଣାବାଳା ନାଥ, ସୁମନାଞ୍ଜଳି ପଟ୍ଟନାୟକ, ଯୁବ ଉଦ୍ୟୋଗୀ ମନୋଜ ମହାପାତ୍ରଙ୍କ ସମେତ ପୌରାଞ୍ଚଳର ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି ଏଥିରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ୫୩ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ସହର ନିକଟ ରଞ୍ଜା କଳାପାଣିସ୍ଥିତ ରୟାଲ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା, ଗଣିତ ଓ ହସ୍ତକର୍ମ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିମିନଇ କଲେଜ ବିଜ୍ଞାନ ବିଭାଗ ଅଧ୍ୟାପକ ସୁବାସ ଚନ୍ଦ୍ର ଷଣ୍ଢ, ସ୍ୱତନ୍ତ୍ର ଅତିଥି ବିଦ୍ୟାଳୟ ପ୍ରତିଷ୍ଠାତା ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ଦାଶ, ପ୍ରମୋଦ ସାହୁ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ସରୋଜ ସାସ୍ମଲ, ବିଶ୍ୱଜିତ୍ ପ୍ରଧାନ, ସୋନାଲି ବେହେରା, କଳା ଶିକ୍ଷକ ପ୍ରମୋଦ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୩ ବିଜ୍ଞାନ ପ୍ରକଳ୍ପ ଓ ୫୦ ହସ୍ତକର୍ମ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଅନିଲ ନାୟକ, ନିର୍ଦ୍ଦେଶକ ସରୋଜକାନ୍ତ ଦାଶ, ପରିଚାଳକ ନେତ୍ରଜ୍ୟୋତି ମହାନ୍ତ ସହଯୋଗ କରିଥିଲେ। ଶ୍ରେୟାଶ୍ରୀ ନାୟକ, ଆଦ୍ୟାଶା ସେଠୀ ଯୁଗ୍ମ ପ୍ରଥମ, ଆର୍ଯ୍ୟସ୍ମିତା ସ୍ୱାଇଁ ଦ୍ୱିତୀୟ ଓ ଶ୍ୟାମସୁନ୍ଦର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ନେତ୍ରାନନ୍ଦ ଶତପଥୀ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପରେଶ କୁମାର ଦଳେଇ, ଶିକ୍ଷୟିତ୍ରୀ ସୁସ୍ମିତା ଶତପଥୀ, ପୁଷ୍ପଲତା ସାହୁ, ସୁନିତା ସ୍ୱାଇଁ, ମାମାଲି ସେଠୀ, ସରିତା ବଳ, ସୁଚିତ୍ରା ନାୟକ, ହରପ୍ରିୟା ବେହେରା ପରିଚାଳନା କରିଥିବାବେଳେ କର୍ମଚାରୀ ପିଣ୍ଟୁ ପ୍ରଧାନ, ଭୁବନେଶ୍ୱରୀ ପରିଡ଼ା, ଜିତେନ୍ଦ୍ର ବେହେରା, ମମତା ବେହେରା, ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଉତ୍ତମ ବୁଝାମଣା ରଖି କାର୍ଯ୍ୟ କରିବାକୁ ପରାମର୍ଶ

**ମହିମା ଗାଦିରେ ସ୍ଥିତି ସ୍ୱାଭାବିକ କରିବାକୁ ପ୍ରୟାସ**

**ଢେଙ୍କାନାଳ ଅଫିସ, ୧୩।୧୨**

କୌପୀନଧାରୀ ମହିମା ସମାଜର ବିବାଦୀୟ ଉପାସନାସ୍ଥଳୀ ଉଚ୍ଛେଦ ପରେ ମହିମାଗାଦିରେ ସ୍ଥିତି ସ୍ୱାଭାବିକ କରିବା ଲାଗି ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଦୁଇ ପକ୍ଷର ସାଧୁଗୋଷ୍ଠୀକୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ଉଭୟ ପକ୍ଷ ନିଜ ଭିତରେ ଉତ୍ତମ ବୁଝାମଣା ଓ ସହଯୋଗ ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲାପାଳ ଉଭୟ ଗୋଷ୍ଠୀର ପ୍ରମୁଖ ମହିମା ସନ୍ନ୍ୟାସୀଙ୍କୁ ଏକାଠି ମିଶାଇଥିଲେ। ସକାରାତ୍ମକ ଭାବେ କିଭଳି ନୀତିକାନ୍ତି ସମସ୍ୟାର ସମାଧାନ କରାଯିବ, ସେ ସମ୍ପର୍କରେ ଉଭୟ ଗୋଷ୍ଠୀର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରି ନିଷ୍ପତ୍ତି ନେବାକୁ ଜିଲାପାଳ କହିଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗଁଦିଆ ତହସିଲଦାର ଭଜନାନନ୍ଦ ସାହୁ, ବିଡିଓ ଆଶିଷ ରଞ୍ଜନ ସାହୁ, ବଲ୍କଲଧାରୀ ମହିମା ସମାଜର ବରିଷ୍ଠ ସନ୍ନ୍ୟାସୀ ନିତ୍ୟାନନ୍ଦ ବାବା, କୌପୀନଧାରୀ ମହିମା ସମାଜ ପ୍ରମୁଖ ଶ୍ରୀମଦ୍ ରଘୁନାଥ ବାବା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୭ରେ ନୀତି ସଂକ୍ରାନ୍ତ ଆଲୋଚନା ପାଇଁ ଉଭୟ ପକ୍ଷକୁ ନେଇ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି।




ଜିଲାପାଳ ଦୁଇ ଗୋଷ୍ଠୀର ସାଧୁଙ୍କୁ ମିଶାଉଛନ୍ତି।

